# NATIONAL NEWS BULLETIN (ODIA)

**25 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ

– ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଦିନକ ପାଇଁ ଉଭୟ ଗୃହ ମୁଲତବୀ

- ବିଶ୍ୱ ସମବାୟ ସମ୍ମିଳନୀକୁ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

- ଦେଶର ଅଧିକ ଉତ୍ପାଦକୁ ଜି.ଆଇ. ଟ୍ୟାଗ୍ ଦେବାକୁ ଉଦ୍ୟମ କରୁଛନ୍ତି ସରକାର, କହିଲେ ବୟନଶିଳ୍ପମନ୍ତ୍ରୀ

ଏବଂ

- ଶ୍ରୀଲଙ୍କାର ନବନିର୍ବାଚିତ ସାଂସଦମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ।

---

## ପାର୍ଲାମେଣ୍ଟ ଆଡ୍‌ଜର୍ଣ୍ଣ

ଲୋକସଭା ଏବଂ ରାଜ୍ୟସଭାର ଆଜି ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ଏକ ନିର୍ଦ୍ଦିଷ୍ଟ ବ୍ୟବସାୟୀ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି ।

ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ରାଜ୍ୟସଭା ମୁଲତବୀ ହେବା ପରେ ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ରେ ପୁଣିଥରେ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ଅଧ୍ୟକ୍ଷ ଜଗଦୀପ ଧନଖଡ଼ ସଦସ୍ୟମାନଙ୍କୁ ସ୍ୱାଭାବିକ ଭାବେ ଗୃହ ଚଳାଇବାକୁ ଅନୁରୋଧ କରିଥିଲେ । ତେବେ ସଦସ୍ୟମାନେ ହଟ୍ଟଗୋଳ କରିବାରୁ ଆଜି ଦିନକ ପାଇଁ ସେ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି ।

ଆଜି ସକାଳେ ଗୃହକାର୍ଯ୍ୟ ଆରମ୍ଭ ହେବାକ୍ଷଣି ବିରୋଧୀ ସଦସ୍ୟମାନେ ଏକ ବ୍ୟବସାୟୀ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗ, ମଣିପୁର ହିଂସା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ମୁଲତବୀ ନୋଟିସ୍ ଦେଇଥିଲେ । ରାଜ୍ୟସଭା ଅଧ୍ୟକ୍ଷ ମୁଲତବୀ ନୋଟିସକୁ ପ୍ରତ୍ୟାଖ୍ୟାନ କରିଥିଲେ । ଶ୍ରୀ ଧନଖଡ଼ କହିଥିଲେ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ ମୁତାବକ ମୁଲତବୀ ନୋଟିସ୍ ଗ୍ରହଣୀୟ ନୁହେଁ ।

ସେ କହିଥିଲେ ସମ୍ବିଧାନ ଗ୍ରହଣକୁ ୭୫ ବର୍ଷ ପୂର୍ତ୍ତି ଅବସରରେ ଏହି ଅଧିବେଶନ ଅନୁଷ୍ଠିତ ହେଉଥିବାରୁ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣ ନିମନ୍ତେ ସଦସ୍ୟମାନେ କାର୍ଯ୍ୟ କରନ୍ତୁ । ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଏକ ବ୍ୟବସାୟୀ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗରେ କହିବାକୁ ଚେଷ୍ଟା କରିଥିଲେ ମଧ ତାଙ୍କୁ ଅନୁମତି ଦିଆଯାଇ ନଥିଲା। ପରେ କଂଗ୍ରେସ, ଡିଏମ୍‌କେ, ଆରଜେଡି, ଆପ୍ ଏବଂ ଅନ୍ୟ ସଦସ୍ୟମାନେ ହଟ୍ଟଗୋଳ ସୃଷ୍ଟି କରିଥିଲେ ।

ଲୋକସଭାରେ ପ୍ରଥମେ ଗୃହ ମୁଲତବୀ ହେବା ପରେ ମଧ୍ୟାହ୍ନ ୧୨ଟାରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ ଏବଂ ଅନ୍ୟ ବିରୋଧୀ ସଦସ୍ୟମାନେ

ସମାନ ଅଭିଯୋଗ ଆଣି ହଟ୍ଟଗୋଳ କରିଥିଲେ । ଫଳରେ ଗୃହରେ ଅଧ୍ୟକ୍ଷତା କରୁଥିବା ଅଧିକାରୀ ଆଜି ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି ।

ଅଧିବେଶନର ପ୍ରଥମ ଦିନରେ ଲୋକସଭାରେ ଏହାର ପୂର୍ବତନ ଦିବଂଗତ ସଦସ୍ୟ ବସନ୍ତ ରାଓ ଚୌହାନ ଏବଂ ଶେଖ୍ ନୁରୁ ଇସ୍‌ଲାମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପରେ ବାଚସ୍ପତି ଓମ୍ ବିର୍ଲା ସମ୍ମାନ ପୂର୍ବକ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ରାଜ୍ୟସଭାରେ ମଧ୍ୟ  ଦିବଂଗତ ୬ ଜଣ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଉଭୟ ଲୋକସଭା ଓ ରାଜ୍ୟସଭା ଅଧିବେଶନ ଆସନ୍ତା ବୁଧବାରଠାରୁ ପୁଣି ବସିବ ।

---

# କଂଗ୍ରେସ-ବିଜେପି ପାର୍ଲାମେଣ୍ଟ

ଶୀତକାଳୀନ ଅଧିବେଶନର ଆଜି ପ୍ରଥମ ଦିନରେ ସଂସଦର ଉଭୟ ଗୃହରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ଏହି ଘଟଣା ନେଇ ବିଜେପି ବିରୋଧୀ ଦଳଗୁଡ଼ିକୁ କଡ଼ା ସମାଲୋଚନା କରିଛି । ଦଳର ବରିଷ୍ଠ ନେତା ରବି ଶଙ୍କର ପ୍ରସାଦ ସଂସଦ ବାହାରେ ଗଣମାଧ୍ୟମକୁ କହିଛନ୍ତି, ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ପରାଜୟ ପରେ ବିରୋଧୀମାନେ ହତାଶ ହୋଇପଡ଼ିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସର ସାଧାରଣ ସଚିବ କେ.ସି. ବେଣୁଗୋପାଳ କହିଛନ୍ତି ଏକ ନିର୍ଦ୍ଦିଷ୍ଟ ବ୍ୟବସାୟୀକ ଗୋଷ୍ଠୀ ବିରୋଧରେ ଆସିଥିବା ଲାଞ୍ଚ ଅଭିଯୋଗ ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ଏହା ସଂସଦରେ ଆଲୋଚନା ହେବା

ଆବଶ୍ୟକ । ସେ କହିଛନ୍ତି ଏହି ସବୁ ପ୍ରସଙ୍ଗ ଆଲୋଚନା ହେବା ପାଇଁ ସଂସଦ ହେଉଛି ପ୍ରକୃଷ୍ଟ ସ୍ଥାନ ।

# ପିଏମ୍-ବିଶ୍ୱ ସମବାୟ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଇ.ସି.ଏ. ବିଶ୍ୱ ସମବାୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଆନ୍ତର୍ଜାତିକ ସମବାୟ ମେଣ୍ଟରେ ଦୀର୍ଘ ୧୩୦ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଭାରତରେ ଏହି ସମ୍ମିଳନୀ ଆୟୋଜିତ ହେଉଛି । ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏକ ସ୍ମାରକୀ ଟିକଟ ଉନ୍ମୋଚନ କରିବେ । ୬ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି "ସମସ୍ତଙ୍କ ସମୃଦ୍ଧିରେ ସମବାୟ" । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩ ହଜାର ବିଦେଶୀ ଓ ଭାରତୀୟ ପ୍ରତିନିଧି ଯୋଗଦେବେ । ସମଗ୍ର ବିଶ୍ୱର ସମବାୟ ସମିତିଗୁଡ଼ିକ ମଧ୍ୟରେ ଏହି ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ନେଇ ମତ ବିନିମୟ ହେବ । ସମସ୍ତଙ୍କ ପାଇଁ ଏମ ସାମୂହିକ, ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ଭବିଷ୍ୟତ ଗଠନରେ ସମବାୟର ଭୂମିକା ନେଇ ଆଲୋଚନ ହେବ । ଭୂଟାନ ପ୍ରଧାନମନ୍ତ୍ରୀ ଦାସୋ ସେରିଙ୍ଗ୍ ତୋବଗେ ଏବଂ ଫିଜିର ଉପପ୍ରଧାନମନ୍ତ୍ରୀ ମନୋଆ କାମିକାମିକା ଏହି ସମ୍ମିଳନୀରେ ଯୋଗଦେବେ । ସୂଚନାଯୋଗ୍ୟ, ୧୮୯୫ ମସିହାରେ ଅନ୍ତର୍ଜାତୀୟ ସମବାୟ ମେଣ୍ଟ ସ୍ଥାପନ କରାଯାଇଥିଲା । ଏଥିରେ ସମଗ୍ର ବିଶ୍ୱରୁ ପ୍ରାୟ ୧୦୦ କୋଟିରୁ ଅଧିକ ସମବାୟ ସଦସ୍ୟ ଅଛନ୍ତି ।

# ଗିରିରାଜ-ଜିଆଇ ସମିଟି

ଦେଶର ଅଧିକରୁ ଅଧିକ ଉତ୍ପାଦକୁ ଭୌଗୋଳିକ ମାନ୍ୟତା-ଜି.ଆଇ ଟ୍ୟାଗ୍ ଦେବାକୁ ସରକାର ଉଦ୍ୟମ କରୁଛନ୍ତି ବୋଲି କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଜି.ଆଇ. ଏବଂ **ବିରାସତ୍ ସେ ବିକାଶ ତକ୍** ସମ୍ମିଳନୀକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ଦେଶରେ ଥିବା  ଅନନ୍ୟ ଉତ୍ପାଦଗୁଡ଼ିକୁ ଖୋଜି ସେଗୁଡ଼ିକୁ ଜି.ଆଇ. ଟ୍ୟାଗ୍ ଦିଆଯାଇ ପାରିବ । ସେ କହିଛନ୍ତି ଅଧିକ ଉତ୍ପାଦକୁ ଜି.ଆଇ. ଟ୍ୟାଗ୍ ପ୍ରଦାନ କରାଗଲେ ଏହାର ବିକ୍ରି ଏବଂ ଲୋକପ୍ରିୟତା ବୃଦ୍ଧି ପାଇବ । ସେ କହିଛନ୍ତି ଏହି ଜି.ଆଇ. ଟ୍ୟାଗ୍ ମାନ୍ୟତା ପ୍ରଦାନ ଦ୍ୱାରା ବୁଣାକାରମାନଙ୍କ ଆୟ ପରିମାଣ ବୃଦ୍ଧି ପାଇବ । ସରକାର ଗାଁରୁ ବିଶ୍ୱ ଆଭିମୁଖ୍ୟ ମାଧ୍ୟମରେ ଅଧିକ ଜି.ଆଇ. ଟ୍ୟାଗ୍‌ଯୁକ୍ତ ଉତ୍ପାଦକୁ ବିକଶିତ କରିବାକୁ ଚାହୁଁଥିବା ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ।

---

# ପ୍ରେଜ୍ ଭିଜିଟ୍ ତାମିଲନାଡୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ବୁଧବାରଠାରୁ ୩ ଦିନିଆ ତାମିଲନାଡୁ ଗସ୍ତରେ ଯିବେ । ଗୁରୁବାର ଦିନ ସେ ୱେଲିଂଟନ୍ ଉଟି ସ୍ଥିତ ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ସୂଚନା ମିଳିଛି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଶୁକ୍ରବାର ଦିନ ନୀଳଗିରିଠାରେ ଆଦିବାସୀଙ୍କ ସହ ଆଲୋଚନା କରିବେ। ରାଷ୍ଟ୍ରପତି ଶନିବାର ଦିନ କୋଇମ୍ବାଟୁର ଯାତ୍ରା କରିବେ ଏବଂ ତିରୁଭାରୁର ସ୍ଥିତ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ।

---

# ମୋଦୀ-ଗୁଆନା ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ ପେଡ୍ ମା କେ ନାମ୍ ଅଭିଯାନକୁ ସମର୍ଥନ ଜଣାଇଥିବାରୁ ଗୁଆନାର ରାଷ୍ଟ୍ରପତି ଡକ୍ଟର ଇର୍ଫାନ ଅଲ୍ଲୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଗତକାଲି ମନ୍‌କି ବାତ୍ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଗୁଆନାରେ ଥିବା ଭାରତୀୟ ସଂପ୍ରଦାୟଙ୍କୁ ପ୍ରଶଂସା କରିଥିଲେ । ଗୁଆନା ରାଷ୍ଟ୍ରପତିଙ୍କ ସମର୍ଥନ ସର୍ବଦା ସ୍ମରଣୀୟ ରହିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ।

---

# ଓରିଏଣ୍ଟେସନ ପ୍ରୋଗ୍ରାମ୍-ପାର୍ଲାମେଣ୍ଟ

ଶ୍ରୀଲଙ୍କାରେ ନବନିର୍ବାଚିତ ସାଂସଦମାନଙ୍କ ପାଇଁ ସଂସଦ ପରିସରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୩ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସାଂସଦମାନଙ୍କୁ ସେମାନଙ୍କର ଭୂମିକା, ସଂସଦୀୟ ପ୍ରକ୍ରିୟା ଏବଂ ସାମ୍ବିଧାନିକ ବ୍ୟବସ୍ଥା ବିଷୟରେ ସଚେତନ କରାଇବା ।

ଏହି କାର୍ଯ୍ୟକ୍ରମରେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ଡକ୍ଟର ହରିଣୀ ଅମରସୂର୍ଯ୍ୟା, ବାଚସ୍ପତି ଡକ୍ଟର ଅଶୋକ ରଣୱାଲାଙ୍କ ସମେତ ବରିଷ୍ଠ ସଂସଦୀୟ ସଦସ୍ୟମାନେ ଉପସ୍ଥିତ ଅଛନ୍ତି । ବିଭିନ୍ନ ଅଧିବେଶନରେ ଇଲେକ୍‌ଟ୍ରୋନିକ୍ ଭୋଟିଂ ଉପରେ ବ୍ୟବହାରିକ ପ୍ରଶିକ୍ଷଣ ସହିତ ଆଇନଗତ ପ୍ରକ୍ରିୟା, କମିଟି ବ୍ୟବସ୍ଥା ଏବଂ ସଂସଦୀୟ ଅଧିକାର ଭଳି ବିଷୟ ଗୁଡ଼ିକ ଉପରେ ଆଲୋଚନା ହେବ । ଏଥିସହ ସାଂସଦମାନଙ୍କୁ ଦୁର୍ନୀତି ନିବାରଣ ଆଇନ ଏବଂ ସଂସଦୀୟ ସୁରକ୍ଷା ସଂପର୍କରେ ଅବଗତ କରାଯିବ ।

---

# ନ୍ୟାଶନାଲ୍ ମିଲ୍କ୍ ଡେ

ଭାରତରେ ଶ୍ୱେତ ବିପ୍ଳବର ଜନକ ଭାବରେ  ଡକ୍ଟର ଭର୍ଗିସ୍ କୁରିଅନ୍‌ଙ୍କ ୧୦୩ତମ ଜୟନ୍ତୀକୁ ସମ୍ମାନ ଜଣାଇ ଆସନ୍ତାକାଲି ନୂଆଦିଲ୍ଲୀରେ ଜାତୀୟ ଦୁଗ୍ଧ ଦିବସ ପାଳିତ ହେବ । ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ବିଭାଗ ଏହି ଅବସରରେ ଭାରତର ଅର୍ଥନୀତି ଏବଂ ପୋଷଣ ନିରାପତ୍ତାରେ ଦୁଗ୍ଧ କ୍ଷେତ୍ରର ଅବଦାନ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରିବ । ଆୟୋଜିତ ହେବାକୁ ଥିବା ଉତ୍ସବରେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଂଜନ ସିଂ ପଶୁସମ୍ପଦ ଓ ଦୁଗ୍ଧ କ୍ଷେତ୍ରରେ ସର୍ବୋଚ୍ଚ **ଜାତୀୟ ଗୋପାଳ ରତ୍ନ ପୁରସ୍କାର** ପ୍ରଦାନ କରିବେ । କାର୍ଯ୍ୟକ୍ରମରେ କୃଷକ, ଦୁଗ୍ଧ ମହାସଂଘ ଏବଂ ଦୁଗ୍ଧ ସମବାୟ ସମିତି ଗୁଡ଼ିକ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ।

---

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ  **ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ପେନ୍‌ସନ୍ ଏବଂ ପେନ୍‌ସନ୍ ଭୋଗି କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଧ୍ରୁବଜ୍ୟୋତି ସେନ୍‌ଗୁପ୍ତ, ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆର୍. ବିଶ୍ୱେସଭରନ୍ ଏବଂ ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍‌ର ମୁଖ୍ୟ ପରିଚାଳକ ଏବଂ ବ୍ୟବସାୟ ବିଭାଗ ମୁଖ୍ୟ ଗୁରଶରଣ ରାଇ ବନସଲ  ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ 011-23421050 ଓ 011-23314444

ନମ୍ବରକୁ ଡାଏଲ୍ କରି ପ୍ରଶ୍ନ ପଚାରି ପାରିବେ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ କରିପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

---

# ୟୁଏନ୍-ହ୍ୟୁମାନିଟାରିଆନ୍ ରେସ୍‌ପନ୍ସ

ଜାତିସଂଘର ଶୀର୍ଷ ଅଧିକାରୀ ଟମ୍ ଫ୍ଲେଚର୍ ଆସନ୍ତାବର୍ଷ ପାଇଁ ସୁଦାନ ନିମନ୍ତେ ପାଣ୍ଠି ସୁରକ୍ଷିତ କରିବାକୁ ଅଧିକ ପ୍ରୟାସ କରାଯିବ ବୋଲି କହିଛନ୍ତି । ସୁଦାନର ମାନବିକ ସହାୟତା ଆୟୋଗ ମୁଖ୍ୟ ମୁନା ନୁରେଲ୍ ଡାଇମ୍ ଙ୍କ ସହ ଏକ ଆଲୋଚନା କାଳରେ ଶ୍ରୀ ଫ୍ଲେଚର ସୁଦାନରେ ବୃଦ୍ଧି ପାଉଥିବା ମାନବିକ ସଂକଟର ମୁକାବିଲା ପାଇଁ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଅନ୍ୟପକ୍ଷରେ ନୁରେଲ୍ ଡାଇମ୍ ପାଣ୍ଠି ଅଭାବ ଉପରେ ଆଲୋକପାତ କରି କହିଛନ୍ତି ଯେ ୨୦୨୪ ମସିହା ପାଇଁ ଆବଶ୍ୟକ ୨ ଦଶମିକ ୭ ମିଲିୟନ୍ ଡଲାର ମଧ୍ୟରୁ ମାତ୍ର ୧ ଦଶମିକ ୫ ମିଲିୟନ ଡଲାର ସୁରକ୍ଷିତ ରହିଛି । ନିକଟରେ ଜାତିସଂଘ ଏବଂ ଆଇ.ଓ.ଏମ୍. ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ସୁଦାନୀ ସଶସ୍ତ୍ର ବାହିନୀ ଏବଂ ରାପିଡ୍ ସପୋର୍ଟ ଫୋର୍ସ୍ ମଧ୍ୟରେ ସଂଘର୍ଷ ଯୋଗୁଁ ସୁଦାନ ଏକପ୍ରକାର ଧ୍ୱସ୍ତ ବିଧ୍ୱସ୍ତ ହୋଇଛି ଏବଂ ଏଥିରେ ୨୭ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ୧୪ ନିୟୁତ ଲୋକ ବିସ୍ଥାପିତ ହୋଇଛନ୍ତି ।

---